# ଓଡ଼ିଆ ଯୁବ ଲେଖକ ସମ୍ମିଳନୀ

ବଲାଙ୍ଗିର,୧୦।୯(ସିଟି): ସାହିତ୍ୟ ଅକାଦେମି ଓ ରଚନାର ମିଳିତ ଆନୁକୂଲ୍ୟରେ ବଲାଙ୍ଗିର ସହରର ପତିତପାବନ ଏକାଡ଼େମୀର ସଭାଗୃହରେ 'ଓଡ଼ିଆ ଯୁବ ଲେଖକ ସମ୍ମିଳନୀ' ଆୟୋଜିତ ହୋଇଯାଇଛି । ଉଦ୍‌ଘାଟନୀ ଅଧିବେଶନରେ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ବିଜୟ ଶତପଥୀ ସଭାପତିତ୍ୱ କରିଥିବା ବେଳେ ସାହିତ୍ୟ ଏକାଡେମୀର ସହସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଦେଇଥିଲେ । ବିଶିଷ୍ଟ ଲେଖକ ତଥା ସମାଲୋଚକ କାଳିଦାସ ମିଶ୍ର ଅଧିବେଶନକୁ ଉଦ୍‌ଘାଟନ କରିଥିଲେ । ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ମନୋଜ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଶେଷରେ 'ରଚନା'ର ସଭାପତି ସନାତନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଅଧିବେଶନରେ କ୍ଷୁଦ୍ରଗଳ୍ପ ପାଠ କାର୍ଯ୍ୟକ୍ରମ ରହିଥିବା ବେଳେ ଗାଳ୍ପିକ ପ୍ରଦୀପ ମିଶ୍ର ସଭାପତିତ୍ୱ କରିଥିଲେ । ଯୁବ ଗାଳ୍ପିକ ବିଶ୍ୱନାଥ ସାହୁ, ଜଗନ୍ନାଥ ସାହୁ ଓ ଶ୍ରୁତକିର୍ତ୍ତୀ ତ୍ରିପାଠୀ ଗଳ୍ପ ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ 'ମୁଁ କାହିଁକି ଲେଖେ' ଶୀର୍ଷକରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କବି ଭାଗୀରଥି



ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ 'ମୁଁ କାହିଁକି ଲେଖେ' ପ୍ରଶ୍ନର ଉତ୍ତର ରଖିଥିଲେ କବି ଆନନ୍ଦ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ହୋତା, ମୁକୁଳ ମିଶ୍ର, ସଂଜୟ ମିଶ୍ର ଓ ସ୍ୱାଗତିକା ସ୍ୱାଇଁ । ତୃତୀୟ ଅଧିବେଶନରେ କବିତା ପାଠ ହୋଇଥିଲା । ଏହି ଅଧିବେଶନରେ କବି ପ୍ରହଲ୍ଲାଦ ଶତପଥୀ ସଭାପତିତ୍ୱ କରିଥିଲେ । କବି ଆଶିଷ ମିଶ୍ର, ଜୟଦ୍ରଥ ସୁନା, ମହେଶ୍ୱର ପ୍ରଧାନ, ମମତା ପ୍ରିୟଦର୍ଶିନୀ ସାହୁ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଓ ପୁଣ୍ୟଦୀପା ଖମାରୀ କବିତା ପାଠ କରିଥିଲେ । ସହରର ବହୁ ସାହିତ୍ୟିକ, ସାହିତ୍ୟ ପ୍ରେମୀ ଓ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।